**DISTRICT PROJECT OFFICE**

# SARVA SHIKSHA ABHIYAN (S.S.A.)

*KENDRAPARA AUTO. COLLEGE CAMPUS, KENDRAPARA-754211*




ପତ୍ର ସଂଖ୍ୟା......୨୩୫୭......

ତାରିଖ...୨୬।୮।୨୦୧୧

ଏତତ୍ ଦ୍ୱାରା ରାଜ୍ୟର ବ୍ୟକ୍ତି ବିଶେଷଙ୍କୁ ଅବଗତି କରାଯାଉଅଛି ଯେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପତ୍ର ସଂଖ୍ୟା ୧୬୪୨୭/ସ୍କୁଲ ଓ ଗଣଶିକ୍ଷା ୧୧ ତା ୧୭।୮।୨୦୧୧ ମୁତାବକ କେନ୍ଦ୍ରପଡା ଜିଲ୍ଲାର ଖାଲିଥିବା ତଫସିଲଭୁକ୍ତ ଜାତି ଓ ଜନଜାତି, ଶାରିରୀକ ଅକ୍ଷମ ବର୍ଗ ପାଇଁ ଉର୍ଦ୍ଦିଷ୍ଟ ଶିକ୍ଷା ସହାୟକ ପଦବୀ ପୂରଣ କରିବା ପାଇଁ ସ୍ୱତନ୍ତ୍ର ନିୟୋଜନ ଅଭିଯାନର ବ୍ୟବସ୍ଥା କରାଯାଇଅଛି। ଏଥି ସକାଶେ ଆମ ରାଜ୍ୟର ଇଚ୍ଛୁକ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ/ପ୍ରାର୍ଥୀନୀମାନଙ୍କୁ ଶିକ୍ଷା ସହାୟକ ପଦବୀରେ ନିୟୋଜନ କରିବା ନିମନ୍ତେ ତା ୨୭।୮।୨୦୧୧ ରିଖ ଠାରୁ ତା୧୨।୯।୨୦୧୧ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଆହ୍ୱାନ କରାଯାଉଛି। (ଛୁଟିଦିନ ବ୍ୟତୀତ)।

ଏହାର ସବିଶେଷ ବିବରଣୀ **KENDRAPARA WEBSITE: www.kendrapara.nic.in** ରେ ଉପଲବ୍ଧ ଅଟେ।

ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ

**ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା**

# ବିଜ୍ଞାପନ

## ଶାରିରୀକ ଅକ୍ଷମ, ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଜନଜାତି ବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ଶିକ୍ଷାସହାୟକ ପଦବୀ ପୂରଣ ପାଇଁ ସ୍ୱତନ୍ତ୍ର ନିୟୋଜନ ଅଭିଯାନ।

କେନ୍ଦ୍ରାପଡା ରାଜସ୍ୱ ଜିଲ୍ଲାର ଶିକ୍ଷା ଜିଲ୍ଲାଗୁଡିକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ସଂରକ୍ଷିତ ବର୍ଗ (ଶାରିରୀକ ଅକ୍ଷମ, ତଫସିଲଭୁକ୍ତ ଜାତି ଓ ଜନଜାତି) ପାଇଁ ଖାଲିଥିବା ଶିକ୍ଷା ସହାୟକ ପଦବୀରେ ନିୟୋଜନ ପାଇଁ.କେନ୍ଦ୍ରାପଡା ଜିଲ୍ଲା ପରିଷଦ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଯେ କୌଣସି ଗୋଟିଏ ଶିକ୍ଷାଜିଲ୍ଲା ପାଇଁ ଆବେଦନ କରିପାରିବେ। ଏଥିପାଇଁ ଆବେଦନ ପତ୍ର ସହିତ ପ୍ରାର୍ଥୀ/ପ୍ରାର୍ଥୀନୀ ମାନେ ଯେ କୌଣସି ଗୋଟିଏ ଶିକ୍ଷା ଜିଲ୍ଲା ପାଇଁ ଆବେଦନ କରିଛନ୍ତି ବୋଲି ଏକ ସତ୍ୟପାଠ (Affidavit) ସଂଲଗ୍ନ କରିବେ। ଯାଞ୍ଚ ସମୟରେ ଯଦି ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଆବେଦନ କରିଥିବା ଶିକ୍ଷା ଜିଲ୍ଲା ବ୍ୟତୀତ ଅନ୍ୟଶିକ୍ଷା ଜିଲ୍ଲାରେ ଆଦେନ କରିଥିବା ପ୍ରମାଣିତ ହୁଏ ତେବେ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର ଆବେଦନ ପତ୍ର ବିଚାରକୁ ନିଆ ନଯାଇ ନାକଚ କରି ଦିଆଯିବ। ସାର୍ଟିଫିକେଟ ଜାଲ୍ ବୋଲି ପ୍ରମାଣିତ ହେଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ନିଯୁକ୍ତି ରଦ୍ଦ କରାଯିବ। ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସାଧା କାଗଜରେ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ ପତ୍ର ସମ୍ପୃକ୍ତ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରେ ପରିଷଦର କାର୍ଯ୍ୟାଳୟରେ ଆସନ୍ତା ତା୧୨।୯।୨୦୧୧ ରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସୁଦ୍ଧା ରେଜେଷ୍ଟ୍ରି ଡାକରେ କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିବା ଆବଶ୍ୟକ। ତ୍ରୁଟିପୂର୍ଣ୍ଣ ବା ବିଳମ୍ବରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ। ଆବେଦନପତ୍ର ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ସଂବୋଧିତ କରିବା ଆବଶ୍ୟକ।

ଶିକ୍ଷା ଜିଲ୍ଲାମାନଙ୍କରେ ଶାରିରୀକ ଅକ୍ଷମ/ତଫସିଲଭୁକ୍ତ ଜାତି/ଜନଜାତି ବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ପଦବୀ ସଂଖ୍ୟା ନିମ୍ନ ପ୍ରକାରେ

| Name of the Education District | Category of Post | No of post Vacant for ST Candidates | No. of Post Vacant for SC Candidates | No. of Post Vacant for Visually Impared Candidates | Nos. of postd Vacant for Hearing Impared Candidates | Nos. of postd Vacant for Orthopedically Handicapped candidates |
|---|---|---|---|---|---|---|
| Kendrapara | BSc. B.Ed. | 31 | 0 | 0 | 1 | 0 |
| | B.A.B.Ed | 0 | 0 | 0 | 0 | 0 |
| | +2 Science CT | 10 | 0 | 0 | 1 | 0 |
| | +2 Arts CT | 0 | 0 | 0 | 0 | 0 |
| Pattamundai | BSc. B.Ed. | 31 | 0 | 0 | 1 | 0 |
| | B.A.B.Ed | 2 | 0 | 0 | 0 | 0 |
| | +2 Science CT | 9 | 0 | 1 | 0 | 0 |
| | +2 Arts CT | 0 | 0 | 0 | 0 | 0 |
| TOTAL | | 83 | 0 | 01 | 03 | 0 |

ଖାଲିଥିବା ପଦବୀ ସଂଖ୍ୟାର **150%** ଭାଗଯୋଗ୍ୟ ବିବେଚିକ ପ୍ରାର୍ଥୀଙ୍କୁ ତାଲିକାଭୁକ୍ତ କରାଯିବ। ଏହି ଯୋଗ୍ୟ ବିବେଚିତ ଅସ୍ଥାୟୀ ଏବଂ ଚୁଡାନ୍ତ ପ୍ରାର୍ଥୀ ତାଲିକା (Provisional & Final Select List) ଶିକ୍ଷାଜିଲ୍ଲା, ଜିଲ୍ଲାପରିଷଦ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମାନଙ୍କର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହେବ। ଶିକ୍ଷା ସହାୟକମାନେ ଜିଲ୍ଲାପରିଷଦ ଦ୍ୱାରା ନିୟୋଜିତ ହେବେ। ନିୟୋଜନ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ହେବ।

୨। ଶିକ୍ଷାଗତ ଯୋଗ୍ୟତା: ନିମ୍ନଲିଖିତ ଯୋଗ୍ୟତା ଥାଇ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଯେକୌଣସି ଗୋଟିଏ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଅନୁଯାୟୀ ଆବେଦନ କରି ପାରିବେ।

(କ) ଯୁକ୍ତ ଦୁଇ( + 2) ବିଜ୍ଞାନ କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ ତାଲିମପ୍ରାପ୍ତ (ସି.ଟି.) (Recognised by NCTE) ।

(ଖ) ଯୁକ୍ତ ଦୁଇ( + 2) କଳା / ବାଣିଜ୍ୟ କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ ତାଲିମପ୍ରାପ୍ତ ସି.ଟି. (recognised by NCTE) ।

(ଗ) ଯୁକ୍ତ ଦୁଇ( + 2) ବିଜ୍ଞାନ/ କଳା / ବାଣିଜ୍ୟ କିମ୍ବା ଉପଯୁକ୍ତ ଦ୍ୱାରା ଘୋଷିତ ତତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ Rehabilitation Council of India(RCI) ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସ୍ୱତନ୍ତ୍ରଶିକ୍ଷା ପାଠ୍ୟକ୍ରମରେ ବି.ଇଡି. ତାଲିମ ( 2 year diploma in Education -special Education)।

(ଘ) ସ୍ନାତକରେ ବିଜ୍ଞାନ କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ HSC ପର୍ଯ୍ୟନ୍ତ ଓଡିଆ ମାତୃଭାଷା ଯୋଗ୍ୟତା ଥାଇ ବି.ଏଡ. ତାଲିମ ପ୍ରାପ୍ତ (Recognised by NCTE) ।

(ଙ) ସ୍ନାତକରେ ବିଜ୍ଞାନ/ କଳା କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା

ସହିତ HSC ପର୍ଯ୍ୟନ୍ତ ଓଡିଆ ମାତୃଭାଷା ଯୋଗ୍ୟତା ଥାଇ ବି.ଏଡ. ତାଲିମ ପ୍ରାପ୍ତ (Recognised by NCTE)।

(ଚ) ସ୍ନାତକରେ ବିଜ୍ଞାନ. କଳା କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ HSC ପର୍ଯ୍ୟନ୍ତ ଓଡିଆ ମାତୃଭାଷା ଯୋଗ୍ୟତା ଥାଇ Rehabilitation Council of India(RCI) ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସ୍ୱତନ୍ତ୍ରଶିକ୍ଷା ପାଠ୍ୟକ୍ରମରେ ବି.ଏଡ. ତାଲିମ ( 1 year B.Ed.-special Education)।

ଯୁକ୍ତ ଦୁଇ( + 2) ବିଜ୍ଞାନ. କଳା. ବାଣିଜ୍ୟ କିମ୍ବା ତତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ ଏବଂ ବିଜ୍ଞାନ ଓ କଳା ରେ କିମ୍ବା ତତୁଲ୍ୟ ପରୀକ୍ଷାରେ ସ୍ନାତକ ପାସ୍ ସହିତ (ଓଡିଆ ମାତୃଭାଷାରେ HSC ପର୍ଯ୍ୟନ୍ତ) ଯୋଗ୍ୟତା ଥିବା ତାଲିମ ପ୍ରାପ୍ତ ତଫସିଲଭୁକ୍ତ ଜାତି, ଜନଜାତି ଓ ଶାରିରୀକ ଅକ୍ଷମର ତଲିମପ୍ରାପ୍ତ ପ୍ରାର୍ଥୀ ନ ମିଳନ୍ତି ତେବେ ଭାରତ ସରକାରଙ୍କ ଠାରୁ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ରିହାତିର ଆଦେଶ ଅନୁଯାୟୀ ଅଣତାଲିମ ପ୍ରାପ୍ତ ପ୍ରାର୍ଥୀମାନଙ୍କ ଶିକ୍ଷାଗତ ଯୋଗ୍ୟତା ବିଷୟକୁ ବିଚାରକୁ ନେଇ ଉଦ୍ଦିଷ୍ଟ ପଦବୀରେ ନିଯୁକ୍ତି ଦିଆଯିବ।

ସମସ୍ତ ଅଣ ତାଲିମ ପ୍ରାପ୍ତ ପ୍ରାର୍ଥୀମାନେ ନିଯୋଜନ ହେବାର ପାଞ୍ଚ ବର୍ଷ ମଧ୍ୟରେ ନିଜ ଖର୍ଚ୍ଚରେ ତାଲିମ ପ୍ରାପ୍ତ ହେବେ ବୋଲି ଏକ under taking ଦେବେ।

3. **ବୟସସୀମା :** ପ୍ରାର୍ଥୀମାନଙ୍କର ବୟସ ତା. 31.07.2011 ରିଖ ସୁଦ୍ଧା 42 ବର୍ଷରୁ ଅଧିକ ହୋଇନଥିବ କିମ୍ବା 18 ବର୍ଷରୁ କମ୍ ହୋଇନଥିବା ଆବଶ୍ୟକ । ତଫସିଲଭୁକ୍ତ ଜାତି ଓ ଜନଜାତି, ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା 5 ବର୍ଷ ଏବଂ ଶାରିରୀକ ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କ

କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା 10 ବର୍ଷ କୋହଳ କରାଯିବ ।

**4.ନିୟୋଜନ :** ଶିକ୍ଷା ସହାୟକମାନେ ବାର୍ଷିକ ଚୁକ୍ତି ଅନୁଯାୟୀ ପ୍ରାଥମିକ/ଉଚ୍ଚ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନୀତ ଶ୍ରେଣୀମାନଙ୍କର ଆବଶ୍ୟକ ଅନୁଯାୟୀ ନିୟୋଜିତ(ଏନଗେଜମେଣ୍ଟ)ହେବେ ।

4.1. ନିୟୋଜନ ପତ୍ର ପ୍ରଦାନ ପୂର୍ବରୁ ସଂପୃକ୍ତ ଜିଲ୍ଲା ପରିଷଦ ତରଫରୁ ମୂଖ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ତରଫରୁ ମୂଖ୍ୟନିର୍ବାହୀ ଅଧିକାରୀ . ଜିଲ୍ଲାପରିଷଦ ତଥା ଜିଲ୍ଲାପାଳ ଓ ଶିକ୍ଷା ସହାୟକଙ୍କ ମଧ୍ୟରେ ଷ୍ଟାମ୍ପ କାଗଜ ମାଧ୍ୟମରେ ନିର୍ଦ୍ଧାରିତ ଫର୍ମରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରାଯିବ ।

ଅଣତାଲିମ ପ୍ରାପ୍ତ ପ୍ରାର୍ଥୀମାନେ ନିଜ ଖର୍ଚ୍ଚରେ ଟ୍ରେନିଙ୍ଗ ନେବେ ବୋଲି undertaking ଦେବେ ।

4.2. ଶିକ୍ଷା ସହାୟକ / ସହାୟିକାମାନଙ୍କୁ ସେମାନେ ଆବେଦନ କରିଥିବା ଶିକ୍ଷା ଜିଲ୍ଲା ମଧ୍ୟରେ ନିୟୋଜନ କରାଯିବ ।

5. କର୍ମନିୟୋଜନ ସଂସ୍ଥାରେ ପଞ୍ଜୀକରଣ ଓ ଆବାସିକ ପ୍ରମାଣପତ୍ର :

ବି.ଇଡି. ପ୍ରାର୍ଥୀ/ପ୍ରାର୍ଥୀନୀ ବାଣୀବିହାର, ଜ୍ୟୋତିବିହାର ଓ ଭଞ୍ଜବିହାର (ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରରେ) ଥିବା ସ୍ୱତନ୍ତ୍ର ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ କିମ୍ବା ଭୁବନେଶ୍ୱରରେ ଥିବା ଷ୍ଟେଟ୍ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜିକରଣ କରିଥିବାର ବୈଧ ପ୍ରମାଣ ପତ୍ର ଏବଂ ଆବାସିକ ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ । ସି.ଟି ପାସ୍ ଏବଂ ଅଣତାଲିମ ପ୍ରାପ୍ତ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଯେ କୌଣସି କର୍ମନିୟୋଜନ ସଂସ୍ଥାରେ ନିଜ ନାମ ପଞ୍ଜିକରଣ କରିଥିବାର ବୈଧ ପ୍ରମାଣ ପତ୍ର ଏବଂ ଆବାସିକ ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ।

6. **ସଂରକ୍ଷଣ ବ୍ୟବସ୍ଥା :** ମହିଳା ପ୍ରାର୍ଥୀନୀଙ୍କ ପାଇଁ ସଂପୃକ୍ତ ବର୍ଗର 33.1/3 ପ୍ରତିଶତ ସଂରକ୍ଷଣ ଲାଗୁହେବ ।

7. ତାଲିମପ୍ରାପ୍ତ ଶିକ୍ଷା ସହାୟକମାନଙ୍କୁ ମାସିକ ଟ.4000/- ପାରିଶ୍ରମିକ ଆକାରରେ ଦିଆଯିବ । ଅଣ ତାଲିମପ୍ରାପ୍ତ ଶିକ୍ଷା ସହାୟକମାନଙ୍କୁ ମାସିକ ଟ.3500/- ପ୍ରାରିଶ୍ରମିକ ଆକାରରେ ଦିଆଯିବା ।

8. ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ କରାଯାଇ ପାରିବ । ଦରଖାସ୍ତ ସହ HSC ଠାରୁ ଆବେଦନ କରିଥିବା ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଏବଂ ମାର୍କ ତାଲିକାର ଅବିକଳ ନକଲ (ଆଟେଷ୍ଟେଡ କପି), କର୍ମନିୟୋଜନ ସଂସ୍ଥା ପଞ୍ଜିକରଣ ପ୍ରମାଣପତ୍ର , ଜାତିଗତ ଏବଂ ଆବାଶିକ ପ୍ରମାଣପତ୍ର, ଭିନ୍ନକ୍ଷମ ହୋଇଥିଲେ ତାର ଅବିକଳ ପ୍ରମାଣପତ୍ର . ପ୍ରର୍ଥୀଙ୍କର 2 କିତା ବର୍ତ୍ତମାନର ସହିମୋହର ପାସପୋର୍ଟ ଆକାର ଫଟୋ ଏବଂ କେବଳ ଗୋଟିଏ ଶିକ୍ଷାଜିଲ୍ଲାରେ ଆବେଦନ କରିଛନ୍ତି ବୋଲି ସତ୍ୟପାଠ (Affidevit) ଇତ୍ୟାଦିର ସଂଯୋଗ ନଥିଲେ ଆବେଦନ ପତ୍ରଟିକୁ ଖାରଜ କରିଦିଆଯିବ ।

## ଶିକ୍ଷାସହାୟକ ପଦପାଇଁ ଆବେଦନ ପତ୍ର

1. ଯେଉଁ ଶିକ୍ଷା ଜିଲ୍ଲାରେ ନିଯୁକ୍ତି ଚାହୁଁଛନ୍ତି ତାର ନାମ । 2.-ଯେଉଁ ପଦବୀରେ ନିଯୁକ୍ତି ଚାହୁଁଛନ୍ତି ତାର ନାମ। 3- ପ୍ରାର୍ଥୀଙ୍କର ସଂପୂର୍ଣ୍ଣ ନାମ 4- ପିତା କିମ୍ବା ସ୍ୱାମୀଙ୍କର ନାମ 5- ବର୍ତ୍ତମାନର ଠିକଣା 6-ସ୍ଥାୟୀ ଠିକଣା 7- ଜନ୍ମତାରିଖ (ପ୍ରମାଣପତ୍ରର ଅବିକଳ ନକଲ ସଂଯୁକ୍ତ କରିବେ) 8- ପ୍ରାର୍ଥୀ /ପ୍ରାର୍ଥିନୀ କେଉଁ ବର୍ଗର ଅଟନ୍ତି 9- ଶିକ୍ଷାଗତ ଯୋଗ୍ୟତା, ଉର୍ତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାମାନଙ୍କର ନାମ, ଶିକ୍ଷାନିଷ୍ଠାନର ନାମ, ବୋର୍ଡ କିମ୍ବା ବିଶ୍ୱବିଦ୍ୟାଳୟର ନାମ, ଉର୍ତ୍ତୀର୍ଣ୍ଣ ବର୍ଷ . କେତେ ନମ୍ବର ପାଇଥିଲେ, % ନମ୍ବର, (ଯୁକ୍ତ ଦୁଇ / ସ୍ନାତକ/ ପ୍ରଶିକ୍ଷଣ ) CT/BEd/ Spl B.Ed.) ପରୀକ୍ଷାର ପ୍ରମାଣପତ୍ର ଓ ମାର୍କସିଟର ଅବିକଳ ନକଲ (Spl. Education ରେ Diploma ଏବଂ Spl. B.Ed. ପ୍ରାର୍ଥୀମାନେ RCI Registration ର ପ୍ରମାଣପତ୍ରର ଅବିକଳ ନକଲ) ସଂଯୋଗ କରିବେ। 10.- ଜାତିଗତ ପ୍ରମାଣପତ୍ର( ଅବିକଳ ନକଲ ସଂଯୋଗ କରିବେ) 11.ଅର୍କମଣ୍ୟ ପ୍ରମାଣପତ୍ର (ଅବିକଳ ନକଲ ସଯୋଗ କରିବେ) 12.- ଆବାସିକ ପ୍ରମାଣପତ୍ର (ଅବିକଳ ନକଲ ସଯୋଗ କରିବେ) 13- ଗୋଟିଏ ଶିକ୍ଷାଜିଲ୍ଲାରେ ଆବେଦନ କରିଥିବାର ସତ୍ୟପାଠ (Affidevit in original) ସଂଯୋଗ କରିବେ। 14- ଅଣତାଲିମ ପ୍ରାପ୍ତ ପ୍ରାର୍ଥୀ ନିଜ ଖର୍ଚ୍ଚରେ 5 ବର୍ଷ ମଧ୍ୟରେ ତାଲିମ ପ୍ରାପ୍ତ ହେବେ ବୋଲି Under Taking ସଂଯୋଗ କରିବେ। 15- ଦୁଇକିତା ବର୍ତ୍ତମାନର ସହି ମୋହର ପାସପୋର୍ଟ ଆକାର ଫଟୋ ଦାଖଲ କରିବେ।

ତାରିଖ -

ଆବେଦନକାରୀଙ୍କ ସ୍ୱାକ୍ଷର

ସ୍ଥାନ-

### ପ୍ରାପ୍ତି ସ୍ୱୀକାର

କ୍ରମିକ ସଂଖ୍ୟା

ପ୍ରାର୍ଥୀଙ୍କ ନାମ

ଠିକଣା

ନିମ୍ନୋକ୍ତ ସଂଲଗ୍ନମାନ ( enclosure) ହସ୍ତଗତ ହୋଇଛି।

(କ) HSC ସାର୍ଟିଫିକେଟ, ଯୁକ୍ତ ଦୁଇ ସାର୍ଟିଫିକେଟ, ତାଲିମ(ସିଟି) ସାର୍ଟିଫିକେଟ, ସ୍ନାତକ, (ବି.ଇଡି. / ସ୍ପେସାଲ ବି.ଇଡି.) ସାର୍ଟିଫିକେଟ (ଖ) ଯୁକ୍ତ ଦୁଇ ମାର୍କସିଟ, ତାଲିମ(ସିଟି) ମାର୍କସିଟ ଓ ସ୍ନାତକ /(ବି.ଇଡି. / ସ୍ପେସାଲ ବି.ଇଡି.) ମାର୍କସିଟ /RCI Registration ର ପ୍ରମାଣ ପତ୍ର (ଗ) ଜାତିଗତ ପ୍ରମାଣ ପତ୍ର (caste certificate) (ଘ) ଆବାସିକ ପ୍ରମାଣ ପତ୍ର ( Residential certificate)(ଙ) ଗୋଟିଏ ଶିକ୍ଷା ଜିଲ୍ଲାରେ ଆବେଦନ କରିଥିବାର ସତ୍ୟପାଠ (Affidevit in Original)(ଚ) କର୍ମନିଯୋଜନ କେନ୍ଦ୍ରର ରେଜିଷ୍ଟ୍ରେସନ ପ୍ରମାଣ ପତ୍ର (ଛ) ଅଣତାଲିମ ପ୍ରାପ୍ତ ପ୍ରାର୍ଥୀ ନିଜ ଖର୍ଚ୍ଚରେ 5 ବର୍ଷ ମଧ୍ୟରେ ତାଲିମ ପ୍ରାପ୍ତ ହେବେ ବୋଲି Under Taking (ଜ) ଅର୍କମଣ୍ୟ ପ୍ରମାଣପତ୍ରର ଅବିକଳ ନକଲ (ଝ) ଦୁଇକିତା ବର୍ତ୍ତମାନ ସହିମୋହର ପାସପୋର୍ଟଆକାର ଫଟୋ।

ପ୍ରାପ୍ତି ସ୍ୱୀକାରକାରୀଙ୍କ ସ୍ୱାକ୍ଷର

ନାମ -

ପଦବୀ-

ଜିଲାପାଳ ତଥା ଜିଲାପରିଷଦର ମଖ୍ୟନିର୍ବାହୀ ଅଧିକାରୀ